# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଗୁଡଭେଲା

**ବିଜ୍ଞାପନ ସଂଖ୍ୟା ୭୦୮ ତା: ୦୨-୧୨-୨୦୨୪**

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଗୁଡ଼ଭେଲା

ଏତଦ୍ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନ ଲିଖିତ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପଦବୀ ରେ ନିଯୁକ୍ତି ନିମନ୍ତେ ଆବଶ୍ୟକ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବଶ୍ୟକ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନେ ମହିଳା ଓ ଶିଶୁ ବିକାଶ ବିଭାଗର, ଓଡିଶା ସରକାରଙ୍କ website- http://engagement-awc.odisha.gov.in/landing ର public login portal ରେ ତା. ୦୩-୧୨-୨୦୨୪ରୁ ୧୭.୧୨.୨୦୨୪ ମଧ୍ୟରେ ଆବେଦନ କରିପାରିବେ। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ର ନୂତନ ମାର୍ଗଦର୍ଶିକା ପତ୍ର ସଂଖ୍ୟା ୪୭୯୦/WCD ତା. ୧୫.୦୩.୨୦୨୩ ର ନିୟମାବଳୀ ଅନୁଯାୟୀ ଅଙ୍ଗନୱାଡି କର୍ମୀ ଚୟନ କରାଯିବ ।

| କ୍ରମିକ ସଂଖ୍ୟା | ଅଙ୍ଗନୱାଡି କେନ୍ଦ୍ର ର ନାମ | ଗ୍ରାମର ନାମ | ଗ୍ରାମ ପଞ୍ଚାୟତ ର ନାମ | ସେବାଞ୍ଚଳ |
|---|---|---|---|---|
| ୦୧ | ଜାମୁଟ | ଜାମୁଟ | ଜାମୁଟ | **ଜାମୁଟ ଗ୍ରାମର** ଗୁଲାପୀ ପୁଟେଲ ଙ୍କ ଘର ନଂ ୦୦୧ ଠାରୁ କଲାକାହ୍ନୁ କର୍ମୀ ଙ୍କ ଘର ନଂ ୨୫୦ ପର୍ଯ୍ୟନ୍ତ । |
| ୦୨ | ସିକେଲପଦର | ସିକେଲପଦର | ଗମ୍ଭାରିଗୁଡା | **ସିକେଲପଦର ଗ୍ରାମର** ବରୁଣ ଭୋଇ ଙ୍କ ଘର ନଂ ୦୦୧ ଠାରୁ ଗଜପତି ଛୁରିଆ ଙ୍କ ଘର ନଂ ୯୪ ପର୍ଯ୍ୟନ୍ତ **।(MADA, ଅଞ୍ଚଳ ଅନ୍ତର୍ଗତ ହୋଇଥିବାରୁ କେବଳ ଅନୁସୂଚିତ ଜନଜାତି (ST) ଙ୍କ ପାଇଁ ଉଦିଷ୍ଟ** ) |

**ଯୋଗ୍ୟତା**:- ଆବେଦନ କରିବା ପାଇଁ ପ୍ରାର୍ଥିନୀଙ୍କର ନିମ୍ନ ଲିଖିତ ଯୋଗ୍ୟତା ଥିବା ଆବଶ୍ୟକ।

୧. ସେ ଜଣେ ମହିଳା ହୋଇଥିବେ।

୨. ଅନ୍ୟୁନ ଦ୍ୱାଦଶ (+୨) ପାସ୍ କରିଥିବେ।

୩. ଆବେଦନକାରୀଙ୍କ ବୟସ ୦୧. ୦୧. ୨୦୨୪ ସୁଦ୍ଧା ୧୮ ବର୍ଷ ରୁ କମ୍ କିମ୍ବା ୩୫ ବର୍ଷ ରୁ ଅଧିକ ହୋଇ ନଥିବ ।

୪. ଯେଉଁ କେନ୍ଦ୍ର ପାଇଁ ଆବେଦନ କରୁଛନ୍ତି ସେହି କେନ୍ଦ୍ରର ସେବାଞ୍ଚଳର ବାସିନ୍ଦା ହୋଇଥିବେ।

୫. ଆବେଦନକାରୀ ଓଡିଆ ଭାଷାରେ ଲେଖି ପଢି ଜାଣିଥିବେ।

୬. **ଚୟନ ପ୍ରଣାଳୀ**:- ଅଙ୍ଗନୱାଡି କର୍ମୀ ପଦବୀ ଏକ ସରକାରୀ ଚାକିରୀ ନୁହେଁ। ଏହା ଏକ ସ୍ୱେଚ୍ଛାସେବୀ ପଦବୀ ଅଟେ। ଏଣୁ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ନିୟମ ଏଥି ପାଇଁ ଲାଗୁ ନୁହେଁ। ପ୍ରାର୍ଥୀଙ୍କ ଦ୍ୱାଦଶ (+୨) ପରୀକ୍ଷାରେ ପ୍ରାପ୍ତ ଶତକଡା ମାର୍କ (ଅତିରିକ୍ତ ବିଷୟ କୁ ବାଦ ଦେଇ) କୁ ବିଚାରକୁ ନେଇ ମେଧା ତାଲିକା ପ୍ରସ୍ତୁତ କରାଯିବ। ତେବେ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ବିଧବା / ଅନାଥା / ନିରାଶ୍ରୟ / ଶାରୀରିକ ଅକ୍ଷମ / ସ୍ୱାମୀ ପରିତ୍ୟକ୍ତା /ଉଚ୍ଚ ଶିକ୍ଷିତାଙ୍କୁ ନିୟମାନୁଯାୟୀ ଅତିରିକ୍ତ ମାର୍କ ପ୍ରଦାନ କରାଯିବ।

ନିମ୍ନଲିଖିତ ବର୍ଗଗୁଡିକୁ ଅଗ୍ରାଧିକାର ଅତିରିକ୍ତ ପଏଣ୍ଟ ପ୍ରଦାନ କରାଯିବ ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତାମାତା ନଥିବା) | ୧୦ |
| ୪ | ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ରୁ ଅଧିକ ଭିନ୍ନକ୍ଷମଙ୍କୁ ଶାରୀରିକ ଭିନ୍ନକ୍ଷମ ଭାବରେ ଗ୍ରହଣ କରାଯିବ) | ୫ |
| ୫ | ନିରାଶ୍ରୟ/ଛାଡପତ୍ରପ୍ରାପ୍ତ/ପରିତ୍ୟକ୍ତ ମହିଳା | ୫ |
| ୬ | ଯଦି ପ୍ରାର୍ଥୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି | ୫ |
| ୭ | ଯଦି ପ୍ରାର୍ଥୀ ଅତୀତରେ ସମଗ୍ର ଶିକ୍ଷା /ଏନ. ପି. ଇ.ଜି. ଇ. ଏଲ ଅଧୀନରେ ଇ. ସି. ସି. ଇ. ୱାର୍କର ଭାବରେ କାର୍ଯ୍ୟ କରିଛନ୍ତି | ୧୫ ପଏଣ୍ଟ ର ସର୍ବୋଚ୍ଚ ସୀମା ସହ ବାର୍ଷିକ ୫ ପଏଣ୍ଟ ସେବା ପ୍ରଦାନ |
| ୮ | ଯଦି ପ୍ରାର୍ଥୀ ଅତୀତରେ ଗାଁ ର ବାଲୱାଡି କେନ୍ଦ୍ରରେ ବାଲୱାଡି କର୍ମୀ ଭାବରେ କାର୍ଯ୍ୟ କରିଛନ୍ତି | ୧୫ ପଏଣ୍ଟ ସହିତ ସେବାରେ ବାର୍ଷିକ ୫ ପଏଣ୍ଟ |

**ନିମ୍ନ ଲିଖିତ କାଗଜାତ website ରେ upload କରିବାକୁ ହେବ।**

୧. ମାଟ୍ରିକ ଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର।

୨. ଦ୍ୱାଦଶ (+୨) ପରୀକ୍ଷାର ମାର୍କ୍‌ସିଟ।

୩. ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବୈଧତା ଥିବା ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର।

୪. ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବୈଧତା ଥିବା ଜାତିଗତ ପ୍ରମାଣ ପତ୍ର।

୫. ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର । (ବିଧବା ହୋଇଥିଲେ)

୬. ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶାରୀରିକ ଅକ୍ଷମ ପ୍ରମାଣ ପତ୍ର । (ଶାରୀରିକ ଅକ୍ଷମ ହୋଇଥିଲେ)

୭. ସ୍ୱଧାର ଗୃହ ପରିଚାଳିକାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିରାଶ୍ରୟ ପ୍ରମାଣ ପତ୍ର। (ନିରାଶ୍ରୟ ହୋଇଥିଲେ)

୮. ଅନାଥାଶ୍ରମ ପରିଚାଳକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନାଥ ପ୍ରମାଣ ପତ୍ର। (ଅନାଥ ହୋଇଥିଲେ)

୯. ସ୍ୱାମୀଙ୍କ ସହିତ ଛାଡପତ୍ର ହୋଇଥିବାର ଅଦାଲତଙ୍କ ନିର୍ଦ୍ଦେଶନାମା। (ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ)

୧୦. ଅଭିଜ୍ଞତା ପ୍ରମାଣ ପତ୍ର (ଯଦି ଥାଏ)।

**୧୧.** ଏକ ଗୋଟି ପାସ ପୋର୍ଟ୍ ସାଇଜ୍ ର ଫଟୋ।

୧୨. ଉପରୋକ୍ତ ସମସ୍ତ ପ୍ରମାଣ ପତ୍ର website ରେ upload ହୋଇଥିବା ଆବଶ୍ୟକ।

୧୩. ଉପରୋକ୍ତ ସମସ୍ତ ପ୍ରମାଣ ପତ୍ର website ରେ upload ହୋଇ ନ ଥିଲେ ସେହି ଆବେଦନକୁ ନାକଚ ଘୋଷଣା କରାଯିବ।

୧୪. ପ୍ରାର୍ଥିନୀ ଯେଉଁ ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବେଦନ କରୁଛନ୍ତି କେବଳ ସେହି ଅଙ୍ଗନୱାଡି କେନ୍ଦ୍ରର ସେବାଞ୍ଚଳର ବାସିନ୍ଦା ହୋଇଥିବେ ।

ଆସନ୍ତା ତା.୧୮.୧୨-.୨୦୨୪ ରିଖ ଦିବା ୧୧.୦୦ ଘଟିକା ରୁ ଅପରାହ୍ଣ ୫.୩୦ ଘଟିକା ମଧ୍ୟରେ ଏହି କାର୍ଯ୍ୟାଳୟରେ ଆବେଦନକାରୀଙ୍କ ଦରଖାସ୍ତ ଓ ମୂଳ ପ୍ରମାଣ ପତ୍ରଗୁଡ଼ିକ ଚୟନ କମିଟୀ ଦ୍ୱାରା ଯାଞ୍ଚ କରାଯିବ। ଏହି ସମୟରେ ପ୍ରାର୍ଥିନୀ ନିଜର ସମସ୍ତ ମୂଳ ପ୍ରମାଣ ପତ୍ର ଓ ମାର୍କ୍‌ସିଟ୍ ସହ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବେ। ନଚେତ୍ ତାଙ୍କ ଆବେଦନ କୁ ବିଚାରକୁ ନିଆଯିବ ନାହିଁ। (ଆବଶ୍ୟକ ସ୍ଥଳେ ଆବେଦନକାରୀଙ୍କ ଦରଖାସ୍ତ ଓ ମୂଳ ପ୍ରମାଣ ପତ୍ରଗୁଡ଼ିକର ଯାଞ୍ଚ ତାରିଖ ପରିବର୍ତ୍ତନ କରାଯାଇପାରେ)

ବି.ଦ୍ର। ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀ ଉକ୍ତ ବିଜ୍ଞାପନ କୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଗୁଡଭେଲା

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଗୁଡଭେଲା

ଜ୍ଞାପକ ସଂଖ୍ୟା ୭୦୯ ତା: ୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ବଲାଙ୍ଗୀର /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବଲାଙ୍ଗିର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁଡଭେଲା /ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ର ସରପଞ୍ଚଙ୍କ ଅବଗତି ଓ ନୋଟିସ୍ ବୋର୍ଡରେ ଲଗାଇବା ନିମନ୍ତେ ପ୍ରେରଣ କରାଗଲା।

ଏହାର ୨ କିତା ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକାଙ୍କୁ ଦିଆଯାଇ ନିର୍ଦ୍ଦେଶ ଦିଆଗଲାଯେ ସେ ଏକକିତା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ସେବାଞ୍ଚଳ ରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରି ଏକକିତା ସ୍ଥାନୀୟ ଅଧିବାସୀଙ୍କ ସ୍ୱାକ୍ଷର ସହ ଫେରାଇବେ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଗୁଡଭେଲା

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଗୁଡଭେଲା